# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**29th June – 2026**

**************************************

## ମୁଖ୍ୟ ସମ୍ବାଦ

- ପୁରୀରେ ଦେବସ୍ନାନ ପୂର୍ଣ୍ଣିମା ଅବସରରେ ସ୍ନାନବେଦୀରେ ଦୁର୍ଲଭ ହାତୀବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି ଚତୁର୍ଦ୍ଧାମୂର୍ତ୍ତି ।
- ପ୍ରତିରକ୍ଷା ଅଳଂକରଣ ସମାରୋହରେ ସାହିସିକତା ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି ।
- ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ନୂତନ ଭାଷା ନୀତି ଲାଗୁ ହେବ ନାହିଁ ବୋଲି ସି.ବି.ଏସ୍.ଇ.ର ସୂଚନା ।

ଏବଂ

- ରାଜ୍ୟର ୮ଟି ସ୍ଥାନରେ ଅତି ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର ।

***Puri/R***

# ଦେବସ୍ନାନ ପୂର୍ଣ୍ଣିମା

ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ତିଥିରେ **ପୁରୀ** ଶ୍ରୀମନ୍ଦିରରୁ ଶ୍ରୀଜୀଉମାନେ ରତ୍ନବେଦୀ ଛାଡ଼ି ଧାଡ଼ି ପହଣ୍ଡିରେ ସ୍ନାନବେଦୀକୁ ବିଜେ କରିଛନ୍ତି। ପ୍ରଥମେ

ଚକ୍ରରାଜ ଶ୍ରୀସୁଦର୍ଶନଙ୍କ ପରେ ବଡ଼ ବାଡ଼ଗ୍ରାହୀ ଶ୍ରୀବଳଭଦ୍ର ଧାଡ଼ି ପହଣ୍ଡିରେ ଆସିଥିଲେ। ପରେ ଦେବୀ ସୁଭଦ୍ରା ଆସିବା ସହ ଶେଷରେ କୋଟି ଓଡ଼ିଆଙ୍କ ମଉଡମଣୀ ଶ୍ରୀଜଗନ୍ନାଥ ଚକାରେ ବିଜେ କରିଥିଲେ। ସୁନାକୂଅର ୧୦୮ ଗରା ସୁବାସିତ ଜଳରେ ଶ୍ରୀଜୀଉମାନଙ୍କୁ ସ୍ନାନ କରାଯାଇଛି। ଗଜପତି ମହାରାଜା ଶ୍ରୀଦିବ୍ୟସିଂହ ଦେବଙ୍କଦ୍ୱାରା ରାଜାନୀତି ଓ ଛେରାପହଁରା ସେବା ସମ୍ପାଦିତ ହୋଇଛି । ଶ୍ରୀଜିଉମାନଙ୍କ ଗଜାନନ ବେଶ ଶେଷ ହୋଇଛି । ସ୍ନାନବେଦୀ ଉପରେ ଚତୁର୍ଦ୍ଧାମୂର୍ତ୍ତି ଦୁର୍ଲଭ ହାତୀ ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଉଛନ୍ତି । ସେବାୟତଙ୍କଦ୍ୱାରା ଆଜି ଗୋଟିଏ ଭୋଗନୀତି ଅନୁଷ୍ଠିତ ହେବ । ଭୋଗନୀତି ପରେ ଶ୍ରଦ୍ଧାଳୁମାନେ ସାହାଣମେଲା ଦର୍ଶନ କରିବେ ।

ମହାପ୍ରଭୁଙ୍କ ପହଣ୍ଡି, ଜଳଲାଗି ଓ ହାତୀବେଶ ଆଦି ନୀତିକୁ ଶୃଙ୍ଖଳିତ କରିବା ଲାଗି ପ୍ରଶାସନ ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ୭୯ ପ୍ଲାଟୁନ୍ ପୋଲିସ୍ ଫୋର୍ସ୍ ମୁତୟନ କରାଯାଇଛି। ପୁରୀ ବଡଦାଣ୍ଡ ଓ ସମ୍ପୂର୍ଣ୍ଣ ସହରକୁ ସିସିଟିଭି ସର୍ବେକ୍ଷଣ ମଧ୍ୟରେ ରଖାଯାଇଛି।

***Koraput, Nayagarh, Gajapati/R***

## ସ୍ନାନ ପୂର୍ଣ୍ଣିମା-୨

ଦେବସ୍ନାନ ପୂର୍ଣ୍ଣିମା ଅବସରରେ ସାବର ଶ୍ରୀକ୍ଷେତ୍ର କୋରାପୁଟରେ ଭକ୍ତିମୟ ପରିବେଶ ମଧ୍ୟରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ

ସ୍ନାନନୀତି ଅନୁଷ୍ଠିତ ହୋଇଯାଇଛି । ପ୍ରଭୁଙ୍କ ହାତୀବେଶ ଦେଖିବାପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା ।

ସେହିଭଳି ନୟାଗଡ଼ ଜିଲ୍ଲାର ରଣପୁରଠାରେ ଠାକୁରଙ୍କ ହାତୀବେଶ ଦର୍ଶନପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା ।

ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ମନ୍ଦିର ପରିସରରେ ସ୍ନାନମଣ୍ଡପରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପ୍ରଭୁଙ୍କ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି । ଅପରାହ୍ଣରେ ଠାକୁରଙ୍କୁ ଗଜାନନ ବେଶରେ ସଜ୍ଜିତ କରାଯାଇଥିଲା ।

***Desk***

# ମୁଖ୍ୟମନ୍ତ୍ରୀ - ରଥ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀ ଗସ୍ତ କରି ସ୍ନାନମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ବଡ଼ଦାଣ୍ଡସ୍ଥିତ ରଥଖଳାରେ ପହଞ୍ଚି ରଥଯାତ୍ରା ପାଇଁ ଚାଲିଥିବା ରଥ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ । ରଥ ମହାରଣାମାନଙ୍କ ସହ ଆଲୋଚନା କରି ସେମାନଙ୍କ ମତାମତ ଆବଶ୍ୟକତା ବିଷୟରେ ଜାଣିବା ସହିତ ରଥ ନିର୍ମାଣ କାର୍ଯ୍ୟକୁ ଅଧିକ ସୁରୁଖୁରୁ ଓ ସମୟାନୁସାରେ ସମ୍ପନ୍ନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ ।

*Desk*

# ରାଷ୍ଟ୍ରପତି - ସାହସିକତା ପୁରସ୍କାର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ୨୦୨୬ ମସିହା ପାଇଁ ଦ୍ୱିତୀୟ ପ୍ରତିରକ୍ଷା ଅଳଙ୍କରଣ ସମାରୋହରେ ସାହସିକତା ପୁରସ୍କାର ପ୍ରଦାନ କରିଛନ୍ତି। ରାଷ୍ଟ୍ରପତି’ ପ୍ରତିରକ୍ଷା ବାହିନୀ, କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବଳ ଏବଂ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପୁଲିସର କର୍ମଚାରୀମାନଙ୍କୁ ସାହସିକତା ପୁରସ୍କାରରେ ସମ୍ମାନିତ କରିଛନ୍ତି। ଏହି ପୁରସ୍କାର ଜମ୍ମୁ-କାଶ୍ମୀର, ଉତ୍ତର-ପୂର୍ବାଞ୍ଚଳ ଏବଂ ଦେଶର ସୀମାନ୍ତ ଅଞ୍ଚଳରେ ଆତଙ୍କବାଦ, ବିଦ୍ରୋହ ଓ ଶତ୍ରୁପକ୍ଷ  ବିରୋଧରେ ଭାରତର ନିରନ୍ତର ସଂଗ୍ରାମକୁ ପ୍ରତିଫଳିତ କରିବା ସହିତ ବିମାନ ଚଳାଚଳ, ସାମୁଦ୍ରିକ ଅଭିଯାନ ଏବଂ ମାନବିକ ସହାୟତା କାର୍ଯ୍ୟରେ ପ୍ରଦର୍ଶିତ ଅସାଧାରଣ ସାହସକୁ ସମ୍ମାନିତ କରିଥାଏ। ଗତ ୮ ତାରିଖରେ ରାଷ୍ଟ୍ରପତି ପ୍ରତିରକ୍ଷା ଅଳଙ୍କରଣ ସମାରୋହର ପ୍ରଥମ ପର୍ଯ୍ୟାୟରେ ସାହସିକତା ପୁରସ୍କାର ପ୍ରଦାନ କରିଥିଲେ।

*IPR*

# ସମବାୟ ସମିତି

କେନ୍ଦ୍ର ସମବାୟ ମନ୍ତ୍ରଣାଳୟର ପଞ୍ଚମ ପ୍ରତିଷ୍ଠା ଦିବସର ଉଦ୍‌ଘାଟନୀ ଉତ୍ସବ ଭୁବନେଶ୍ୱରସ୍ଥିତ ସମବାୟ ଭବନରେ ଅନୁଷ୍ଠିତ ହୋଇଯାଇଛି ।

ବିଭାଗୀୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି, ସମବାୟରୁ ସମୃଦ୍ଧି ଅଭିଯାନକୁ ରାଜ୍ୟରେ ତ୍ୱରାନ୍ୱିତ କରିବାପାଇଁ ସମବାୟ ବିଭାଗ ସମସ୍ତ ପ୍ରୟାସ କରିବା ସହିତ ଅଭିଯାନକୁ ଫଳପ୍ରଦ କରିବାକୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି । ଏହିକ୍ରମରେ ରାଜ୍ୟର ପ୍ରତିଟି ପଞ୍ଚାୟତରେ କୃଷିରଣ, ଦୁଗ୍ଧ ଓ ମତ୍ସ୍ୟ ସମବାୟ ସମିତି ଗଠନ ହେବା ପ୍ରକ୍ରିୟା ଜାରି ରହିଛି । ପ୍ୟାକ୍ସଗୁଡିକୁ ଏମ୍-ପ୍ୟାକ୍ସରେ ପରିଣତ କରି ଏହା ମାଧ୍ୟମରେ ବିଭିନ୍ନ ବ୍ୟାବସାୟିକ ତଥା ଉତ୍ପାଦନକ୍ଷମ କାର୍ଯ୍ୟ ଜାରି ରହିଛି ବୋଲି ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଛନ୍ତି ।

***Desk***

# କପିଳେନ୍ଦ୍ର ଦେବଙ୍କ ରାଜ୍ୟାଭିଷେ

ମହାପ୍ରତାପୀ ସମ୍ରାଟ କପିଳେନ୍ଦ୍ର ଦେବଙ୍କ ୫୯୧ତମ ରାଜ୍ୟାଭିଷେକ ତଥା ଗଜପତି ଦିବସ ଭୁବନେଶ୍ୱରସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଛନ୍ତି, ଓଡ଼ିଆ ଭାଷାକୁ ପ୍ରଥମକରି ତତ୍କାଳୀନ ରାଷ୍ଟ୍ରୀୟ ତଥା ପ୍ରଶାସନିକ ଭାଷାର ମର୍ଯ୍ୟାଦା ଗଜପତି କପିଳେନ୍ଦ୍ର ଦେବ ପ୍ରଦାନ କରିଥିଲେ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ତଥା ସାଂସ୍କୃତିକ ନବଜାଗରଣ ପାଇଁ ତାଙ୍କର ଅବଦାନ ଅତୁଳନୀୟ ଥିଲା ବୋଲି ଶ୍ରୀ ସୂରଜ କହିଛନ୍ତି ।

ସୂଚନା ଅନୁସାରେ ୧୪୩୫ ଖ୍ରୀଷ୍ଟାବ୍ଦ ଜୁନ୍ ୨୯ ତାରିଖ ଅର୍ଥାତ୍ ଆଜିର ଦିନରେ ମହାରାଜାଙ୍କ ରାଜ୍ୟାଭିଷେକ ହୋଇଥିଲା । ଏହାସହିତ ତାଙ୍କୁ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର ଉପାଧି ପ୍ରଦାନ କରାଯାଇଥିଲା। କପିଳେନ୍ଦ୍ର ଦେବ ୧୪୩୫ରୁ ୧୪୬୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଶାସନ କରିଥିଲେ।

***Desk***

# ସି.ବି.ଏସ୍.ଇ.

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ - ସି.ବି.ଏସ୍.ଇ. ପକ୍ଷରୁ ଆଜି ତ୍ରିଭାଷା ନୀତି ସମ୍ପର୍କିତ ମାର୍ଗଦର୍ଶିକା ଜାରି କରାଯାଇଛି । ଏ ସମ୍ପର୍କରେ ପରିଷଦ ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି, ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କପାଇଁ ନୂତନ ଭାଷା ନୀତି ଲାଗୁ ହେବ ନାହିଁ । ୨୦୨୬-୨୭ ଶିକ୍ଷାବର୍ଷରେ ପଢୁଥିବା ଛାତ୍ରଛାତ୍ରୀମାନେ ପୁରୁଣା ଦୁଇ ଭାଷା ନୀତିରେ ପାଠ ପଢ଼ିବେ । ଚଳିତ ବର୍ଷ ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀରେ ପଢୁଥିବା ବିଦ୍ୟାର୍ଥୀମାନେ ୨ଟି ବିଦେଶୀ ଭାଷା ପଢୁଥିବାରୁ ଗୋଟିଏ ଭାରତୀୟ ଭାଷାକୁ ତୃତୀୟ ଭାଷା ଭାବେ ଚୟନ କରି ସେମାନେ ପଢ଼ିପାରିବେ ବୋଲି ସି.ବି.ଏସ୍.ଇ. ପକ୍ଷରୁ କୁହାଯାଇଛି ।

***Desk***

# +୨ ଖାତା ପୁନଃମୂଲ୍ୟାୟନ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଯୁକ୍ତ ଦୁଇ ପରୀକ୍ଷା ଖାତା ପୁନଃ ଯାଞ୍ଚ୍ ଆବେଦନ ତାରିଖ ବୃଦ୍ଧି କରାଯାଇଛି । ଆସନ୍ତାକାଲି ଆବେଦନ ତାରିଖ ଶେଷ ହେଉଥିବାବେଳେ ଏହାକୁ ଆସନ୍ତା ମାସ ୪ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ବୋଲି ପରିଷଦ ପକ୍ଷରୁ କୁହାଯାଇଛି ।

***Desk***

# ପରିସଂଖ୍ୟାନ ଦିବସ

ଜାତୀୟ ପରିସଂଖ୍ୟାନ ଦିବସ ଆଜି ପାଳନ କରାଯାଉଛି । ଜାତୀୟ ବିକାଶ ସମ୍ପର୍କିତ ସାମାଜିକ, ଅର୍ଥନୈତିକ ଯୋଜନା ଏବଂ ନୀତି ପ୍ରଣୟନରେ ପରିସଂଖ୍ୟନର ଗୁରୁତ୍ୱ ନେଇ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ୨୦୦୭ ମସିହାରୁ ପ୍ରତିବର୍ଷ ଜୁନ୍ ମାସ ୨୯ ତାରିଖରେ ଏହି ଦିବସ ପାଳିତ ହୋଇଆସୁଛି । ଚଳିତବର୍ଷର ବିଷୟବସ୍ତୁ ରହିଛି ପ୍ରଶାସନିକ ତଥ୍ୟର ସାମର୍ଥ୍ୟକୁ ଉନ୍ମୁକ୍ତ କରିବା । ଭାରତୀୟ ପରିସଂଖ୍ୟାନର ଜନକ କୁହାଯାଉଥିବା ପ୍ରଫେସର ପ୍ରଶାନ୍ତ ଚନ୍ଦ୍ର ମହଲାନୋବିଶଙ୍କ ପରିସଂଖ୍ୟାନ ପ୍ରତି ଅବଦାନକ ସମ୍ମାନ ଜଣାଇ ପ୍ରତିବର୍ଷ ତାଙ୍କ ଜୟନ୍ତୀରେ ଏହି ଦିବସ ପାଳନ କରାଯାଉଛି ।

*Sambalapur, Kendrapara/R*

# ପରିସଂଖ୍ୟାନ ଦିବସ - ଜିଲ୍ଲା

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ପରିସଂଖ୍ୟାନ ଦିବସ ପାଳନ କରାଯାଇଛି । ସମ୍ବଲପୁର ଜିଲ୍ଲା ପ୍ରଶାସିନ ପକ୍ଷରୁ ଚଳିତ ବର୍ଷର ଆଭିମୁଖ୍ୟ ସମ୍ପର୍କରେ  ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷା ବିଭାଗର ଛାତ୍ରଛାତ୍ରୀଙ୍କ ସ୍କୁଲ୍ ଛାଡ଼ିବା ସମସ୍ୟା, ଭିନ୍ନକ୍ଷମମାନଙ୍କ ସଠିକ୍ ଚିହ୍ନଟ ପ୍ରକ୍ରିୟା ଆଦି ବିଭିନ୍ନ କ୍ଷେତ୍ରରେ ପରିସଂଖ୍ୟାନ ମାଧ୍ୟମରେ ନିର୍ଭୁଲ୍ ତଥ୍ୟ ମିଳିପାରୁଛି ବୋଲି କହିଛନ୍ତି । ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନେ ଆଗାମୀ ଦିନରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ଆୟୋଜନ କରି ପରିସଂଖ୍ୟାନ କ୍ଷେତ୍ରରେ ଦକ୍ଷତା ବୃଦ୍ଧିପାଇଁ ଗୁରୁତ୍ୱାରୋପ କରିଥିଲେ ।

କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ସମ୍ମିଳନୀ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ପରିସଂଖ୍ୟାନ ଦିବସର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା । ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା କୃଷିଗଣନା, କ୍ଷୁଦ୍ର ଜଳସେଚନ ଓ ଅର୍ଥନୈତିକ ଗଣନା ଭଳି ବିଭିନ୍ନ ଯୋଜନାର କାର୍ଯ୍ୟକାରିତା, ଆବଶ୍ୟକତା ଓ ଉପାଦେୟତା ଉପରେ ବକ୍ତାମାନେ ଆଲୋକପାତ କରିଥିଲେ ।

***Desk***

# ପାଣିପାଗ

ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ ସକ୍ରିୟ ରହିଛି । ଏହାର ପ୍ରଭାବରେ ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ୮ଟି ସ୍ଥାନରେ ବିଜୁଳି ଓ ଘଡ଼ଘଡି ସହ ଅତି ପ୍ରବଳବର୍ଷା ହେବାର ସମ୍ଭାବନା ରହିଛି । ସେହିଭଳି ୨୨ଟି ସ୍ଥାନରେ ପ୍ରବଳ ବର୍ଷା ହେବା ନେଇ ଅନୁମାନ କରାଯାଇଛି । ଏହିସବୁ ସ୍ଥାନପାଇଁ ସତର୍କ ସୂଚନା ଜାରି କରାଯାଇଛି । ଏ ସମ୍ପର୍କରେ ଆଞ୍ଚଳିକ ପାଣିପାଗ ବିଭାଗର ନିର୍ଦ୍ଦେଶିକା ଡକ୍ଟର ମନୋରମା ମହାନ୍ତି କହିଛନ୍ତି :

***Voice*** :........

***Desk, Malkangiri, Kendrapara, Deogarh, Nayagarh, Koraput, Rayagada/R***

# ଜନ ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ମାଲକାନଗିରି ଜିଲ୍ଲା ଚେଡେଙ୍ଗା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଶିବିରରେ ୩ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା ।

କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ୍‌ରେ ଜିଲ୍ଲାପାଳ ୩୪ଟି ଅଭିଯୋଗର ଶୁଣାଣି କରି ତତ୍କାଳ ସମାଧାନ କରିଛନ୍ତି । ଏଥିସହ ୨ ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ।

ଦେବଗଡ଼ ଜିଲ୍ଲା ସରୁଆଳି ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଆୟୋଜିତ ଶିବିରରେ ୭୫ଟି ଅଭିଯୋଗର ଶୁଣାଣି କରାଯାଇ ସେଗୁଡ଼ିକର ସମାଧାନପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ୍‌ରେ ଆୟୋଜିତ ଶିବିରରେ ୬୬ଟି ମାମଲାର ତତ୍କାଳ ସମାଧାନ କରାଯାଇଛି ।

କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଶିବିରରେ ୫୪ଟି ଅଭିଯୋଗର ଶୁଣାଣି କରାଯାଇଛି ।

ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ୍ ସମ୍ମିଳନୀ କକ୍ଷରେ ଆୟୋଜିତ ଶିବିରରେ ଜିଲ୍ଲାପାଳ ୧୦୦ଟି ଅଭିଯୋଗର ଶୁଣାଣି କରି ସେଗୁଡ଼ିକର ତୁରନ୍ତ ସମାଧାନପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅବସରରେ ରେଡ୍‌କ୍ରସ୍ ପାଣ୍ଠିରୁ ୨ଜଣ ହିତାଧିକାରୀଙ୍କ ୧୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

******